# NATIONAL NEWS BULLETIN (ODIA)

## 22 August 2026

### Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ସଂସ୍କାର ବାଧତାମୂଳକ ନୁହେଁ, ଏହା ସରକାରଙ୍କ ପ୍ରତିବଦ୍ଧତା କହିଲେ ପ୍ରଧାନମନ୍ତ୍ରୀ ।
- ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଚିନି ମହଜୁଦ ଥିବା ସ୍ପଷ୍ଟ କଲେ କେନ୍ଦ୍ରସରକାର ।
- ଭାରତ-ନେପାଳ ସୀମା ପରିଚାଳନା ଓ ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କଲେ ଉଭୟ ଦେଶ ।
- ବାଂଲାଦେଶର ୨୩ତମ ରାଷ୍ଟ୍ରପତି ଭାବେ ଶପଥଗ୍ରହଣ କଲେ ମୀର୍ଜା ଫକରୁଲ ଇସଲାମ ଆଲମଗିର ।

ଏବଂ

- ଭୁବନେଶ୍ୱରରେ ଆଜି ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍ ।

# ପିଏମ୍-ଇକୋନୋମିକ ଫୋରମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସଂସ୍କାର, କେବଳ ବାଧ୍ୟତାମୂଳକ ନୁହେଁ, ବରଂ ସରକାରର ପ୍ରତିବଦ୍ଧତା । ଏହାର ନୀତି ଜନକୈନ୍ଦ୍ରିକ ତଥା ବିକାଶ ଏବଂ ଅଭିବୃଦ୍ଧିକୁ ସମର୍ଥନ କରିଥାଏ । ଗତକାଲି ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ କହିଛନ୍ତି ସଂସ୍କାରମୂଳକ ପଦକ୍ଷେପ ଲାଗି ତାଙ୍କ ସରକାର ଏକ ସ୍ୱଷ୍ଟ ଦୃଷ୍ଟିକୋଣ ସୃଷ୍ଟି କରିଛନ୍ତି । ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବା ଲାଗି ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ପରବର୍ତ୍ତୀ ପୀଢ଼ି ପାଇଁ ସଂସ୍କାରମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

# ପ୍ରେଜ୍-ଟିଚର୍ସ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସ ୫ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ୪୮ ଜଣ ବିଦ୍ୟାଳୟ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ । ଶିକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ତିନି

ପର୍ଯ୍ୟାୟ ଚୟନ ପ୍ରକ୍ରିୟା ମାଧ୍ୟମରେ ସ୍କୁଲ ଶିକ୍ଷକମାନଙ୍କୁ ଚୟନ କରାଯାଇଛି। ମନୋନୀତ ୪୮ ଜଣ ସ୍କୁଲ ଶିକ୍ଷକ ୨୭ଟି ରାଜ୍ୟ, ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ୬ଟି ସଂଗଠନରୁ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୬ ଜଣ ପୁରୁଷ ଏବଂ ୨୨ ଜଣ ମହିଳା ଅଛନ୍ତି। ଜାତୀୟ ଶିକ୍ଷକ ପୁରସ୍କାର ୨୦୨୬ ପାଇଁ ଯୋଗ୍ୟ ଶିକ୍ଷକଙ୍କଠାରୁ ଅନଲାଇନ୍ ମାଧ୍ୟମରେ ସ୍ୱ-ନାମାଙ୍କନ ଚଳିତ ବର୍ଷ ଜୁନ୍ ୧୫ରୁ ଜୁଲାଇ ୨୦ ପର୍ଯ୍ୟନ୍ତ ଆମନ୍ତ୍ରିତ କରାଯାଇଥିଲା। ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଦୂରଦର୍ଶନ ଏବଂ ଶିକ୍ଷା ମନ୍ତ୍ରଣାଳୟର SWAYAM PRABHA ଚ୍ୟାନେଲରେ ସିଧା ପ୍ରସାରଣ କରାଯିବ।

## ଇଣ୍ଡିଆ-ନେପାଳ ମିଟିଂ

ଭାରତ ଏବଂ ନେପାଳ ସୀମା ପରିଚାଳନା ଏବଂ ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଗତକାଲି ଡେରାଡୁନରେ ଅନୁଷ୍ଠିତ ଭାରତ-ନେପାଳ ମିଳିତ କାର୍ଯ୍ୟଗୋଷ୍ଠୀର ଚତୁର୍ଦ୍ଦଶ ବୈଠକରେ ଏ ସମ୍ପର୍କରେ ଆଲୋଚନା

ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପୌସୁମୀ ବସୁ ବୈଠକରେ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ । ନେପାଳ ପକ୍ଷରୁ ସେଠାକାର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆନନ୍ଦ କାଫଲେ ନେତୃତ୍ୱ ନେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ଦୁଇଦିନିଆ ବୈଠକରେ ସୀମାପାର ଅପରାଧ ଏବଂ ଅପରାଧିକ କାର୍ଯ୍ୟକଳାପର ସମାଧାନ କରିବା, ସୀମାନ୍ତ ଭିତ୍ତିଭୂମି, ରାସ୍ତା ଏବଂ ରେଳ ନେଟୱାର୍କର ସୁଦୃଢ଼ୀକରଣ ଏବଂ ପ୍ରଭାବଶାଳୀ ବ୍ୟବହାର, ଜବରଦଖଲ ହଟାଇବା ଏବଂ ସୀମା ସ୍ତମ୍ଭର ରକ୍ଷଣାବେକ୍ଷଣ ଉପରେ ଆଲୋଚନା ହୋଇଥିଲା। ଉଭୟ ପକ୍ଷ ବିଭିନ୍ନ କ୍ଷେତ୍ରରେ ସାଂସ୍ଥାଗତ ସମନ୍ୱୟ ଏବଂ କ୍ଷମତା ନିର୍ମାଣକୁ ସୁଦୃଢ଼ କରିବା ଉପରେ ମଧ୍ୟ ମତବିନିମୟ କରିଥିଲେ।

## ଇଣ୍ଡିଆ-ୟୁକେ ଡିଫେନ୍ସ

ଭାରତ ଏବଂ ୟୁକେ ଉଭୟ ଦେଶର ସଶସ୍ତ୍ର ବାହିନୀ ମଧ୍ୟରେ ମିଳିତ ଅଭ୍ୟାସ, ତାଲିମ ଏବଂ କ୍ଷମତା ନିର୍ମାଣ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି । ଏ ନେଇ ଉଭୟଦେଶ ଦିଲ୍ଲୀରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ବୈଠକରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ୟୁକେର ପ୍ରତିରକ୍ଷା ପାଇଁ ସ୍ଥାୟୀ ଉପସଚିବ ଜେରେମି ପୋକଲିଙ୍ଗଟନଙ୍କ ସହ ୨୫ତମ ଭାରତ-ୟୁକେ ପ୍ରତିରକ୍ଷା ପରାମର୍ଶଦାତା ଗୋଷ୍ଠୀ ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ। ବୈଠକରେ, ଉଭୟଦେଶ ଭାରତ-ୟୁକେ ଦୃଷ୍ଟିକୋଣ ୨୦୩୫ ଏବଂ ୧୦ ବର୍ଷୀୟ ପ୍ରତିରକ୍ଷା ଶିଳ୍ପ ରୋଡମ୍ୟାପ୍ ମାଧ୍ୟମରେ ଗବେଷଣା ଏବଂ ବିକାଶ ଉପରେ ଗୁରୁତ୍ୱ ଦେଇଥିବା ଜଣାପଡିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଉଭୟପକ୍ଷ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆଞ୍ଚଳିକ ସାମୁଦ୍ରିକ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା ସମେତ ସୁରକ୍ଷା ସହଯୋଗକୁ ଦୃଢ଼ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

## ଗଭ୍-ସୁଗାର ପ୍ରାଇସ୍

ଦେଶରେ ଘରୋଇ ଆବଶ୍ୟକତାକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଚିନି ମହଜୁଦ ଅଛି ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ବୃଦ୍ଧି ପାଉଥିବା ଚିନି ଦରକୁ ଦୃଷ୍ଟିରେ ରଖି ସରକାର ଚିନିର ଉପଲବ୍ଧତା

ଏବଂ ଦର ନିୟନ୍ତ୍ରଣ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏ ସମ୍ପର୍କରେ ଖାଉଟୀ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ସରକାର ନିୟମିତ ଭାବରେ ପରିସ୍ଥିତିର ସମୀକ୍ଷା କରୁଛନ୍ତି । କିଛି ସପ୍ତାହ ମଧ୍ୟରେ ଚିନିର ଦର ବୃଦ୍ଧି ପାଇଛି । ଚଳିତ ଋତୁରେ ଦେଶରେ ୩୦୬ ଲକ୍ଷ ଟନ୍ ଚିନି ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି ।

## ବାଂଲାଦେଶ-ପ୍ରେଜ୍ ଓଥ୍

ଢାକାର ବଙ୍ଗଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବାଂଲାଦେଶର ୨୩ତମ ରାଷ୍ଟ୍ରପତି ଭାବେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ନେତା ମିର୍ଜା ଫଖରୁଲ ଇସଲାମ ଆଲମଗିର ଶପଥ ଗ୍ରହଣ କରିଛନ୍ତି । ସେଠାକାର ସଂସଦର ଉପବାଚସ୍ପତି କାଇସର କମଲ ଶପଥପାଠ କରାଇଥିଲେ ।

ରାଷ୍ଟ୍ରପତି ନିର୍ବାଚନରେ ଆଲମଗିର୍ ୨୫୫ଖଣ୍ଡ ଭୋଟ ପାଇ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ। ବିରୋଧୀ ପ୍ରାର୍ଥୀ ଓଲି ଅହମ୍ମଦଙ୍କୁ ମାତ୍ର ୮୮ଖଣ୍ଡ ଭୋଟ୍ ମିଳିଥିଲା ।

ଗତ ୩୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏକରୁ ଅଧିକ ପ୍ରାର୍ଥୀ ବାଂଲାଦେଶର ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାରୁ ଏହାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି ।

ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ ଗତ ମାସରେ ଗୁରୁତର ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବାପରେ ଏହି ନିର୍ବାଚନ ଜରୁରୀ ହୋଇପଡ଼ିଥିଲା ।

# ବ୍ରିକ୍ସ-ୟୁଥ୍

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ବ୍ରିକ୍ସ ଯୁବ ମନ୍ତ୍ରୀ ଏବଂ କ୍ରୀଡ଼ା ମନ୍ତ୍ରୀଙ୍କ ବୈଠକ ଭାରତ ଅଧ୍ୟକ୍ଷତାରେ ଆୟୋଜନ ହେବ । ଆଜି ବ୍ରିକ୍ସ ଯୁବ ମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତାକାଲି ବ୍ରିକ୍ସ କ୍ରୀଡ଼ା ମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବ ।

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ, ଯେଉଁଥିରେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡସେ ମଧ୍ୟ ଯୋଗଦେବେ ।

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅନୁଯାୟୀ, ଯୁବ ମନ୍ତ୍ରୀଙ୍କ ବୈଠକରେ ଯୁବ ବିକାଶ ଏବଂ ସଶକ୍ତିକରଣରେ ସହଯୋଗକୁ ସୁଦୃଢ଼

କରିବା ଉପରେ ଧ୍ୟାନକେନ୍ଦ୍ରିତ କରାଯିବ । ବିଶେଷକରି ଏଥିରେ ଶିକ୍ଷା, ଦକ୍ଷତା ବିକାଶ, ଉଦ୍ୟୋଗିତା, କଲ୍ୟାଣ ଏବଂ ସ୍ଥାୟୀ ବିକାଶ ଉପରେ ଆଲୋଚନା ହେବ।

କ୍ରୀଡା ମନ୍ତ୍ରୀଙ୍କ ବୈଠକରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର କ୍ରୀଡ଼ା ମନ୍ତ୍ରୀ ଏବଂ ପ୍ରତିନିଧିମଣ୍ଡଳର ମୁଖ୍ୟମାନେ ଯୋଗଦେବେ । ଏହି ବୈଠକରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଚାରବିମର୍ଷ ସରକାଯିବ ।

# ଭିପି-ମହ୍ଲାହର ଇଭେଣ୍ଟ

ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ୍ ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଉପରେ ଗୁରତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଅନ୍ତର-ହୃଦୟ କନେକ୍ଟ ମହ୍ଲାର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଉପରାଷ୍ଟ୍ରପତି କହିଛନ୍ତି ଯେ ସଂସ୍କୃତି ଏଭଳି ଏକ ଦୃଢ଼ ବନ୍ଧନ ଯାହା ଦେଶକୁ ଏକତ୍ରିତ କରିଥାଏ। ଉପରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଧୈର୍ଯ୍ୟ ଏବଂ ଦାୟିତ୍ୱର ସହିତ ସଂସ୍କାର ଏବଂ ସୁଦୃଢ଼ୀକରଣ କରିବାରେ ଯୋଗଦାନ ଦେବାକୁ ଆହ୍ୱାନ ଦେଇଛନ୍ତି।

ଉପରାଷ୍ଟ୍ରପତି କହିଛନ୍ତି ଭାରତର ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରା ଶତାବ୍ଦୀ ଧରି ବଞ୍ଚିରହିଛି । ସେ କହିଛନ୍ତି ସଙ୍ଗୀତ ସମସ୍ତଙ୍କ ପାଇଁ ସୁଗମ ହେବା ଉଚିତ, କାରଣ ଏହା ଶାନ୍ତି ପ୍ରଦାନ କରିବା ସହ ବିଭିନ୍ନ ଅଞ୍ଚଳ, ଭାଷା ଏବଂ ସଂସ୍କୃତିର ଲୋକଙ୍କୁ ନିକଟତର କରିଥାଏ ।

## ବ୍ରିକ୍ସ ଟୁରିଜିମ୍ ମିନିଷ୍ଟର

ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ପର୍ଯ୍ୟଟନ ମନ୍ତ୍ରୀମାନଙ୍କର ବୈଠକ ଜୟପୁର ଘୋଷଣାପତ୍ରକୁ ସର୍ବସମ୍ମତିକ୍ରମେ ଗ୍ରହଣ କରିବା ସହ ଶେଷ ହୋଇଛି । ଏହି ବୈଠକ ବ୍ରିକ୍ସ ସଦସ୍ୟ ଦେଶମାନଙ୍କ ମଧ୍ୟରେ ପର୍ଯ୍ୟଟନ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏକ ଢାଞ୍ଚା ପ୍ରଦାନ କରିଛି। ଘୋଷଣାପତ୍ରରେ ପର୍ଯ୍ୟଟନରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର, ସ୍ଥାୟୀ ପର୍ଯ୍ୟଟନ ଅଭ୍ୟାସ, ଦକ୍ଷତା ବିକାଶ ଏବଂ ସୁଗମ ଯାତ୍ରା ସୁବିଧା ସମେତ ସହଯୋଗର ପ୍ରମୁଖ କ୍ଷେତ୍ରଗୁଡ଼ିକୁ ସାମିଲ କରାଯାଇଛି।

ରାଜସ୍ଥାନର ଜୟପୁରରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଘୋଷଣାପତ୍ର ଚୂଡ଼ାନ୍ତ ହୋଇଥିଲା। ପର୍ଯ୍ୟଟନ ଭବିଷ୍ୟତକୁ 'ସହନଶୀଳ, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ନିର୍ମାଣ' ବିଷୟବସ୍ତୁ ଅଧୀନରେ ଏହି

ବୈଠକ ବସିଥିଲା । ମନ୍ତ୍ରୀ ଶ୍ରୀ ଶେଖାୱତ ବୈଠକକୁ ସମ୍ବୋଧିତ କରି କହିଛନ୍ତି ଯେ ପର୍ଯ୍ୟଟନ କ୍ଷେତ୍ର ୨୦୪୭ ସୁଦ୍ଧା ବିକଶିତ ଭାରତ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହାଦ୍ୱାରା ପ୍ରମୁଖ ସହରାଞ୍ଚଳ କେନ୍ଦ୍ରସମେତ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକରେ ମଧ୍ୟ ଅର୍ଥନୈତିକ ଅଭିବୃଦ୍ଧି ଘଟିବ । ଶ୍ରୀ ଶେଖାୱତ ଏକ ପର୍ଯ୍ୟଟନ ଇକୋସିଷ୍ଟମ ନିର୍ମାଣ କ୍ଷେତ୍ରରେ ବୈଠକରେ ଭାରତର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ।

## ବ୍ରିକ୍ସ-ୟୁଥ୍

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ବ୍ରିକ୍ସ ଯୁବ ମନ୍ତ୍ରୀ ଏବଂ କ୍ରୀଡ଼ା ମନ୍ତ୍ରୀଙ୍କ ବୈଠକ ଭାରତ ଅଧ୍ୟକ୍ଷତାରେ ଆୟୋଜନ ହେବ । ଆଜି ବ୍ରିକ୍ସ ଯୁବ ମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତାକାଲି ବ୍ରିକ୍ସ କ୍ରୀଡ଼ା ମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବ ।

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ, ଯେଉଁଥିରେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡସେ ମଧ୍ୟ ଯୋଗଦେବେ ।

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅନୁଯାୟୀ, ଯୁବ ମନ୍ତ୍ରୀଙ୍କ ବୈଠକରେ ଯୁବ ବିକାଶ ଏବଂ ସଶକ୍ତିକରଣରେ ସହଯୋଗକୁ ସୁଦୃଢ଼

କରିବା ଉପରେ ଧ୍ୟାନକେନ୍ଦ୍ରିତ କରାଯିବ । ବିଶେଷକରି ଏଥିରେ ଶିକ୍ଷା, ଦକ୍ଷତା ବିକାଶ, ଉଦ୍ୟୋଗିତା, କଲ୍ୟାଣ ଏବଂ ସ୍ଥାୟୀ ବିକାଶ ଉପରେ ଆଲୋଚନା ହେବ।

କ୍ରୀଡା ମନ୍ତ୍ରୀଙ୍କ ବୈଠକରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର କ୍ରୀଡ଼ା ମନ୍ତ୍ରୀ ଏବଂ ପ୍ରତିନିଧିମଣ୍ଡଳର ମୁଖ୍ୟମାନେ ଯୋଗଦେବେ । ଏହି ବୈଠକରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଚାରବିମର୍ଷ ସରକାଯିବ ।

## ହକି ୱାର୍ଲ୍ଡକପ୍

ଏଫ୍ଆଇଏଚ୍ ହକି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ଆଜି ଆୟୋଜକ ନେଦରଲ୍ୟାଣ୍ଡ୍ସ ବିପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଆରମ୍ଭ କରିବ । ଭାରତୀୟ ସମୟ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ପୁଲ୍-ଡିରେ ଭାରତ ୫-୩ ଗୋଲରେ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ସ୍ଥାନରେ ରହିଛି । ଭାରତୀୟ ମହିଳା ଦଳ ଗତକାଲି ନେଦରଲ୍ୟାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ୦-୨ ଗୋଲ୍‌ରେ ପରାସ୍ତ ହୋଇଛି ।

# ବ୍ୟାଡମିଣ୍ଟନ

BWF ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପରେ, ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ସେମିଫାଇନାଲରେ ଭାରତୀୟ ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ  ଚୀନର ଲିଉ ଶେଙ୍ଗ ଶୁ ଏବଂ ଟାନ୍ ନିଙ୍ଗଙ୍କ ସହ ମୁକାବିଲା କରିବେ।

ଏହି ଭାରତୀୟ ଯୋଡ଼ି ଚୀନର ଜିଆ ୟି ଫାନ୍ ଏବଂ ଝାଙ୍ଗ ଶୁ ଜିଆନ୍‌ଙ୍କୁ ୧୬-୨୧, ୨୧-୧୫, ୨୧-୧୩ରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ବିଜୟ ସହିତ, ତ୍ରିସା ଏବଂ ଗାୟତ୍ରୀ ପଦକ ନିଶ୍ଚିତ କରିଛନ୍ତି।

ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ଶେଟ୍ଟି ଚୀନର ଲିଆଙ୍ଗ ୱେଇ କେଙ୍ଗ ଏବଂ ୱାଙ୍ଗ ଚାଙ୍ଗଙ୍କଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡିଛନ୍ତି ।

ଭାରତର ମହିଳା ଡବଲ୍ସ ଯୋଡ଼ି ବିଜୟ ହାସଲ ପରେ ଗଣମାଧ୍ୟମକୁ କହିଛନ୍ତି ଯାତ୍ରା ଏଠାରେ ଶେଷ ହୁଏ ନାହିଁ, ପ୍ରତିଯୋଗିତାରେ ଆହୁରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ବାକି ଅଛି।